# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 04 January – 2026

*******************************

## ମୁଖ୍ୟ ସମ୍ବାଦ

- ଭିବି-ଜି.ରାମ.ଜି ଆଇନ୍ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷାରେ ସହାୟକ ହେବ; କହିଲେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ
- ଆମ ବସ୍ ଚାଳକଙ୍କ ଦକ୍ଷତା ବୃଦ୍ଧି ସହ ନିୟମିତ ପ୍ରଶିକ୍ଷଣ ପାଇଁ ପରିବହନ ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ବ୍ରେଲ'ର ପ୍ରଚଳନ ସମ୍ପର୍କରେ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ବ୍ରେଲ ଦିବସ

ଏବଂ

- ଘନକୁହୁଡ଼ି ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

## ଭିବି-ଜି.ରାମ.ଜି

ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) (ଭିବି-ଜି.ରାମ.ଜି) ଆଇନ୍ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷାରେ ସହାୟକ ହେବ ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ **ଶିବରାଜସିଂ ଚୌହାନ** କହିଛନ୍ତି। ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚୌହାନ କହିଛନ୍ତି, ଭିବି-ଜି.ରାମ.ଜି. ବିଲ୍‌ରେ ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ସହ ୧୨୫ ଦିନର ନିଯୁକ୍ତି ସୁନିଶ୍ଚିତ କରାଯାଇଛି। ଆସନ୍ତା ଆର୍ଥିକବର୍ଷରେ ଏଥିପାଇଁ ୧ ଲକ୍ଷ ୫୧ ହଜାର ୨୮୨ କୋଟି ଟଙ୍କା ବ୍ୟୟ ବରାଦ ପାଇଁ ପ୍ରସ୍ତାବ ରଖାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

**- V/O - (ଶିବରାଜସିଂ ଚୌହାନ)**

## ଭିବି-ଜି.ରାମ.ଜି.

ବିକଶିତ ଭାରତ ଜି.ରାମ.ଜି. ଯୋଜନା ପ୍ରଣୟନ କରି କେନ୍ଦ୍ର ସରକାର ଉଭୟ ଶ୍ରମ ଓ କୃଷି କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛନ୍ତି। ଗ୍ରାମୀଣ ଅର୍ଥନୀତି ଓ କୃଷି କ୍ଷେତ୍ରରେ ଜୀବନ ଜୀବିକାକୁ ସୁନିଶ୍ଚିତ କରାଯିବା ସହ ଶ୍ରମଜୀବିଙ୍କୁ ଅଧିକ ରୋଜଗାର ଦେବା ଲକ୍ଷ୍ୟରେ ଏହି ଯୋଜନା ଅଧିକ ଲାଭଦାୟୀ ସାବ୍ୟସ୍ତ ହେବ ବୋଲି ସୁବର୍ଣ୍ଣପୁର ଜିଲ୍ଲା ଶଙ୍କରା ଗ୍ରାମପଂଚାୟତର ସରପଞ୍ଚ **ଅଶୋକ ପୃଷ୍ଟି** କହିଛନ୍ତି...

**- V/O –**

## ଦୁର୍ଘଟଣା-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆମ ବସ୍ ଚାଳକଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ନିୟମିତ ପ୍ରଶିକ୍ଷଣ ପ୍ରଦାନ ପାଇଁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶିକ୍ଷଣ ସମୟରେ ବସ୍ ଚାଳକମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ ସହ ସେମାନଙ୍କ ମଧ୍ୟରେ ସମ୍ବେଦନଶୀଳ ମନୋଭାବ ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ଶ୍ରୀ ମାଝୀ ବିଭାଗକୁ ପରାମର୍ଶ ଦେଇଛନ୍ତି। ବସ୍‌ଗୁଡ଼ିକର ନିୟମିତ ଫିଟ୍‌ନେସ୍ ଯାଞ୍ଚ ସହ ଦୁର୍ଘଟଣାକୁ ଏଡାଇବା ପାଇଁ ସମୀକ୍ଷା କରିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ରୂପାଲି ଛକ ନିକଟରେ ଆମ ବସ୍ ଦୁର୍ଘଟଣାରେ ଜଣେ ଅଟୋ ଚାଳକଙ୍କ  ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୪ ଲକ୍ଷ ଟଙ୍କାର ସହାୟତାରାଶି ଘୋଷଣା କରିଛନ୍ତି।

## ପଥୋତ୍ସବ

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ଆଜି ଚଳିତବର୍ଷର ପ୍ରଥମ ପଥୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପଥୋତ୍ସବରେ ନୃତ୍ୟ ସଂଗୀତର ଆସର ସହ କଳାସଂସ୍କୃତିର ନିଦର୍ଶନ ଏବଂ ପରିବେଶ ସୁରକ୍ଷାକୁ ନେଇ ସଚେତନତାମୂଳକ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।

## ଓଜନ ଉତ୍ସବ

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ଅଭିଯାନ ଅନ୍ତର୍ଗତ ଓଜନ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ

ସ୍ଥାନରେ ଅନୁଷ୍ଠିତ ହେବ। ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ବିଭାଗର ସହଭାଗିତାରେ ଓଜନ ଉତ୍ସବର ଆୟୋଜନ କରାଯାଉଛି। ଏହି ଅଭିଯାନରେ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କ ଓଜନ ଓ ଉଚ୍ଚତା ମାପ କରାଯିବ। ଦୁର୍ଗମ ଅଂଚଳରେ ଶତପ୍ରତିଶତ ଶିଶୁଙ୍କ ଓଜନ ଉଚ୍ଚତା ଆକଳନ ସୁନିଶ୍ଚିତ କରାଯିବ।

## ବେଳାଭୂମି ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ଗୋପାଳପୁର ବେଳାଭୂମି ମହୋତ୍ସବ ଆସନ୍ତା ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ବ୍ରହ୍ମପୁର ସର୍କିଟ୍ ହାଉସ୍‌ଠାରେ ପ୍ରସ୍ତୁତି ନେଇ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଲୋକନୃତ୍ୟ ଏବଂ କଳାକାରଙ୍କୁ ପ୍ରାଧାନ୍ୟ ଦେବା ସହ ସ୍ଥାନୀୟ ଲୋକଙ୍କୁ ସାମିଲ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ମହୋତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ସହ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ। ଚଳିତବର୍ଷ ପ୍ରଥମ ଥର ଲାଗି ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ବୈଠକରୁ ଜଣାପଡିଛି।

## ବ୍ରେଲ୍ ଦିବସ

ଦୃଷ୍ଟିହୀନ ଏବଂ ଆଂଶିକ ଦୃଷ୍ଟିଦୋଷ ଥିବା ଲୋକଙ୍କ ପାଇଁ ଯୋଗାଯୋଗର ମାଧ୍ୟମ ଭାବେ ବ୍ରେଲର ମହତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବ୍ରେଲ’ର ପ୍ରଚଳନ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ବ୍ରେଲ ଦିବସ ପାଳନ କରାଯାଉଛି । ବ୍ରେଲ ଲିପିର ଉଦ୍ଭାବକ ଲୁଇସ୍ ବ୍ରେଲଙ୍କ

ଜନ୍ମଦିନକୁ ସ୍ମରଣ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜାନୁଆରୀ ୪ ତାରିଖକୁ ବିଶ୍ୱ ବ୍ରେଲ ଦିବସ ଭାବେ ପାଳନ କରାଯାଇଥାଏ।

ବ୍ରେଲ୍ ଲିପିର ଉଦ୍ଭାବକ ଲୁଇ ବ୍ରେଲ ମାତ୍ର ୩ ବର୍ଷ ବୟସରେ ଏକ ଦୁର୍ଘଟଣାରେ ନିଜର ଦୃଷ୍ଟିଶକ୍ତି ହରାଇଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ଏକ ୬ଟି ବିନ୍ଦୁବିଶିଷ୍ଟ ଲିପିର ଉଦ୍ଭାବନ କରିଥିଲେ। ଏହି ବିପ୍ଳବାତ୍ମକ ଉଦ୍ଭାବନ ହିଁ ଆଜି ବ୍ରେଲ୍ ଲିପି ନାମରେ ପରିଚିତ ହେବା ସହ ବିଶ୍ୱବ୍ୟାପୀ ଦୃଷ୍ଟିହୀନଙ୍କ ପାଇଁ ଶିକ୍ଷାର ଆଧାର ସାଜିଛି। ବ୍ରେଲ୍ ଲିପି ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ପଢ଼ିବା ଓ ଲେଖିବାର ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କ ସାମର୍ଥ୍ୟକୁ ବିକଶିତ କରିବାରେ ସହାୟକ ହୋଇଛି।

୨୦୧୮ ମସିହାରେ ମିଳିତ ଜାତିସଂଘ ସାଧାରଣସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବ୍ରେଲ୍ ଦିବସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପଶାସନ ସଚିବ **ସନ୍ନ୍ୟାସୀ କୁମାର ବେହେରା** ଆକାଶବାଣୀ ଆଂଚଳିକ ସମ୍ବାଦ ବିଭାଗ କଟକକୁ କହିଛନ୍ତି.....

**- V/O –**

## ବନ୍ଦେ ମାତରମ୍ - ଶିକ୍ଷାନୁଷ୍ଠାନ

ଜାତୀୟ ଯୁବ ଦିବସ ପାଳନ ଅବସରରେ ଆସନ୍ତା ୧୨ ତାରିଖରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ସାମୂହିକ ବନ୍ଦେ ମାତରମ୍ ଗାନ କରାଯିବ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟ ସରକାରଙ୍କ

ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ପାଳନ କରିବାପାଇଁ କୁହାଯାଇଛି ।  ରାଜ୍ୟବ୍ୟାପୀ ବନ୍ଦେ ମାତରମ୍ ଗାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଗତକାଲି ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହି ଅବସରରେ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଙ୍କଳ୍ପ ଶପଥପାଠ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଧନୁଯାତ୍ରା

ବରଗଡ଼ ଧନୁଯାତ୍ରା ଶେଷ ହେବା ପରେ କଂସ ମହାରାଜ ପାପ ମୋଚନ ପାଇଁ ତାଙ୍କ ମନ୍ତ୍ରୀ ପରିଷଦଙ୍କ ସହ ପୁରୀ ମହୋଦଧିରେ ବୁଡ଼ ପକାଇଛନ୍ତି। ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା କଳାକାର ସୁଶୀଲ ମେହେର ଅଭିନୟ ସମୟରେ ଭଗବାନ କୃଷ୍ଣ-ବଳରାମଙ୍କ ପ୍ରତି କଟୁକ୍ତି କରିଥିବାରୁ କ୍ଷମା ପ୍ରାର୍ଥନା କରିଛନ୍ତି। ଶ୍ରୀ ମେହେର ଗୋବର୍ଦ୍ଧନ ପୀଠରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ଭେଟି ଆଶୀଷ ଭିକ୍ଷା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଆଇନ୍‌ସେବା ପ୍ରାଧିକରଣ

**ଗଞ୍ଜାମ** ପୁରୁଷୋତ୍ତମପୁର କୋର୍ଟ ପକ୍ଷରୁ ତାଲୁକ ଆଇନ୍‌ସେବା ପ୍ରାଧିକରଣ କମିଟି ଆନୁକୂଲ୍ୟରେ ପରିବେଶ ନ୍ୟାୟିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ୍ ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଚାରପତି ଶରତ

କୁମାର ସାହୁ ଏଥିରେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଛାତ୍ରଛାତ୍ରୀମାନେ ସଚେତନ ହେବା ସହ ନିଜ ଜନ୍ମଦିନରେ ଗୋଟିଏ ଲେଖାଏଁ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ ।

## ମହୁରୀ ମହୋତ୍ସବ

ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ମହୁରୀର ଅଷ୍ଟାଦଶ ମହୋତ୍ସବ **ସୁବର୍ଣ୍ଣପୁର** ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସାରସ୍ୱତ ସମାରୋହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୂଭୂଷଣ ମିଶ୍ର, ଶିକ୍ଷାବିତ୍ ପ୍ରଫେସର ନାରାୟଣ ପଣ୍ଡା ଯୋଗଦେଇ ସାହିତ୍ୟ, ସଂସ୍କୃତି ସମାଜର ଗତିକୁ ଶୃଙ୍ଖଳିତ କରିଥାଏ ବୋଲି କହିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ଓ କବି ଡକ୍ଟର ପ୍ରୀତିଧାରା ସାମଲଙ୍କୁ ଚଳିତବର୍ଷର ମହୁରୀ ସମ୍ମାନ ପ୍ରଦାନ କରାଯାଇଥିଲା ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ର ସପ୍ତମ ସଂସ୍କରଣ ଗତକାଲିଠାରୁ ଆରମ୍ଭ ହୋଇଛି । ଆଜି ଚେନ୍ନାଇରେ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍‌ସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱର, ରାଞ୍ଚି ଓ ଚେନ୍ନାଇରେ ଅନୁଷ୍ଠିତ ହେବ । ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚଳିତ ମାସ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ମ୍ୟାଚ୍ ଖେଳାଯିବ । ଚଳିତ ବର୍ଷ କଳିଙ୍ଗ ଲାନ୍ସର୍ସ ସମେତ ୮ଟି ଦଳ ପ୍ରତିଯୋଗିତାରେ ଭାଗ ନେଉଛନ୍ତି । କଳିଙ୍ଗ ଲାନ୍ସର୍ସ ୨୦୧୭ ମସିହାରେ ଚାମ୍ପିଅନ୍ ହୋଇଥିଲା ।

## ହ୍ୟାଣ୍ଡବଲ୍

ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ଓ କ୍ରୀଡା ବିଭାଗ ଆନୁକୂଲ୍ୟରେ ୩୧ତମ ରାଜ୍ୟ କନିଷ୍ଠ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ରାୟଗଡ଼ାର ବିଷମକଟକଠାରେ ଆୟୋଜିତ ହେବ। ଉଭୟ ବାଳକ-ବାଳିକା ବର୍ଗରେ ୨୦ଟି ଜିଲ୍ଲାରୁ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।

## ପାଣିପାଗ

ରାଜ୍ୟରେ ଶୀତର ଲହରୀ ଜାରି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରାରେ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ପରେ ୪ ଡିଗ୍ରୀ ପର୍ଯ୍ୟନ୍ତ ରାତି ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡି ହେବା ନେଇ ନୟାଗଡ଼, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଗଞ୍ଜାମ, ଗଜପତି, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।